# ସଚେତନତା ଆଣିପାରିବ ସଂସ୍କାର

## ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ନ ହେଉ ମଣିଷ



ସାପ କାମୁଡ଼ିଲେ ଖୋଜା ପଡୁଛନ୍ତି ଗୁଣିଆ। ଛୁଆଙ୍କ ପେଟ କାମୁଡ଼ିଲେ କରାଯାଉଛି ଚେଙ୍କ ଚିକିତ୍ସା। ପରମ୍ପରା ନାମରେ ପକାଯାଉଛି ପଶୁ ବଳି। ଆଜିର ପ୍ରଯୁକ୍ତି ଯୁଗରେ ମଧ ଏପରି ଦୃଶ୍ୟ ରାଜ୍ୟର ଅନେକ ସ୍ଥାନରେ ଦେଖିବାକୁ ମିଳୁଛି। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇଥିବା ଅନେକ ମଣିଷ ଏହି ମାନସିକତାରୁ ବାହାରିପାରୁ ନ ଥିବା ବେଳେ ଏହା ଶିକ୍ଷିତ, ସଚେତନ ବ୍ୟକ୍ତିମାନଙ୍କୁ ବ୍ୟଥିତ କରୁଛି। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କିଆକଟା ଥାନା ସୁବର୍ଣ୍ଣପୁର ଗ୍ରାମର ନାବାଳକ ସଞ୍ଜୀବ ବିଶ୍ୱାଳଙ୍କୁ ବଳି ଦିଆଯିବା ନେଇ ଅଞ୍ଚଳବାସୀଙ୍କ ସନ୍ଦେହ ଓ ପରିବାର ଲୋକଙ୍କ ଅଭିଯୋଗ ପରେ ସମାଜରେ ବସା ବାନ୍ଧିଥିବା ଅନ୍ଧବିଶ୍ୱାସର ମୂଳୋତ୍ପାଟନ ଦିଗରେ ଜୋର୍‌ଧରିଛି ସାଧାରଣଙ୍କ ସ୍ୱର। ସଚେତନତା ହିଁ ସଂସ୍କାର ଆଣିପାରିବ ବୋଲି ମତ ଦେଇଛନ୍ତି ବୁଦ୍ଧିଜୀବୀ।

### ଥାନାରେ ଲାଗିବ ପ୍ଲାକାର୍ଡ, ପୋଷ୍ଟର



ଲୋକମାନେ କିଭଳି ଅନ୍ଧ ବିଶ୍ୱାସରେ ବଶିଭୂତ ନ ହେବେ ସେ ନେଇ ଦୃଷ୍ଟି ଦିଆଯିବ। ଏଥିସହ ଲୋକଙ୍କୁ ସଚେତନ କରିବାକୁ ବିଭିନ୍ନ ଥାନାକୁ କୁହାଯିବ। ଜିଲାରେ ଥିବା ସମସ୍ତ ଥାନାରେ ପ୍ଲାକାର୍ଡ ଓ ପୋଷ୍ଟର ଲଗାଯାଇ ଅନ୍ଧ ବିଶ୍ୱାସରୁ ଦୂରେଇ ରହିବାକୁ ବାର୍ତ୍ତା ଦିଆଯିବ। ଅନ୍ଧ ବିଶ୍ୱାସ ଦ୍ୱାରା କିଭଳି ସମସ୍ୟା ହୁଏ ତାହା ପ୍ଲାକାର୍ଡ ଓ ପୋଷ୍ଟର ମାଧ୍ୟମରେ ଜଣାଇ ଦିଆଯିବ। ଏଥିସହ ସରକାରୀ ଆଇନ ଓ ଦଣ୍ଡବିଧାନ ସମ୍ପର୍କରେ ମଧ ଲୋକଙ୍କୁ ଅବଗତ କରାଯିବ।

-ସୁଧାଂଶୁ ଶେଖର ମିଶ୍ର, ଏସ୍‌ପି, ଅନୁଗୋଳ

### ସଚେତନତାକୁ ପ୍ରାଧାନ୍ୟ ଦିଆଯିବ



ସମାଜରେ ଥିବା ଅନ୍ଧ ବିଶ୍ୱାସ, କୁସଂସ୍କାର ଦୂର କରିବାକୁ ବିଭିନ୍ନ ସମୟରେ ଲୋକଙ୍କୁ ସଚେତନ କରାଯାଉଛି। କିନ୍ତୁ ଏଯାଏ ତାହା ସମ୍ପୂର୍ଣ୍ଣ ଦୂରୀଭୂତ ହୋଇପାରୁ ନାହିଁ। ଗ୍ରାମାଞ୍ଚଳର ଅନେକ ଲୋକ ଏହାକୁ ଆପଣାଇ ନେଇଥିବାରୁ ସେମାନଙ୍କୁ ଅଧିକ ସଚେତନ କରାଯିବା ଉପରେ ଗୁରୁତ୍ୱ ଦିଆଯିବ। ତୃଣମୂଳସ୍ତରରୁ ଲୋକମାନେ କିଭଳି ଭାବେ ସଚେତନ ହୋଇପାରିବେ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

### ମୂଳୋତ୍ପାଟନ କରାଯାଉ



ଅନୁଗୋଳ ଜିଲାର ଅନେକ ଗାଁରେ ଏବେ ବି କୁକୁଡ଼ା, ବୋଦା ବଳି ଦିଆଯାଉଛି। ଆଧୁନିକ ଯୁଗରେ ଏପରି ବଳି ପ୍ରଥା ବନ୍ଦ ହେବା ଦରକାର। ଠାକୁର କେବେ କାହାଠାରୁ ବଳି ଚାହାନ୍ତି ନାହିଁ। ତନ୍ତ୍ରମନ୍ତ୍ର ମାଧମରେ ଅଣସଚେତନ ମଣିଷଙ୍କ ବିଶ୍ୱାସ ଜିତି ସେମାନଙ୍କୁ ଶୋଷଣ କରିବା ପାଇଁ ନିରୀହ ପଶୁଙ୍କୁ ବଳି ପକାଯାଉଛି। ଏପରି କି ଅନେକ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ନର ବଳି ସମ୍ପର୍କରେ ଖବରମାନ ଶୁଣିବାକୁ ମିଳୁଛି। ଏହି କୁସଂସ୍କାରର ମୂଳୋତ୍ପାଟନ କରାଯିବା ଜରୁରୀ।

-କଳାବତୀ ଦେହୁରୀ, ଆଦିଆଘାଇ, ବସଲା

### ଯୁବଗୋଷ୍ଠୀ ଆଗକୁ ଆସିବା ଦରକାର



ସାମ୍ପ୍ରତିକ ସମାଜରେ ଅନ୍ଧବିଶ୍ୱାସ ଏକ ବ୍ୟାଧି। ବିଜ୍ଞାନ ଯୁଗରେ ମଣିଷ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହେବା ଆଦୌ ଗ୍ରହଣୀୟ ନୁହେଁ। ଏ ଦିଗରେ ପୋଲିସ ଓ ପ୍ରଶାସନ ସହ ସାମାଜିକ ଅନୁଷ୍ଠାନଗୁଡ଼ିକ ସଚେତନା ଉପରେ ଗୁରୁତ୍ୱ ଦେବା ଦରକାର। ଏଥିପାଇଁ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି। ଏହି କାର୍ଯ୍ୟ ପାଇଁ ଯୁବ ସମାଜ ଆଗକୁ ଆସିବା ଦରକାର। କୁସଂସ୍କାର ଓ ଅନ୍ଧବିଶ୍ୱାସ ଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବା ଜରୁରୀ।

-ସତ୍ୟାନନ୍ଦ ପ୍ରଧାନ, ଗଦାଧରପୁର, ମାଧପୁର, ଆଠମଲ୍ଲିକ

## ଫୋନରେ ଦିଆଯାଉଛି ଧମକ

ମାଧପୁର, ୩୧।୭ (ମନୋଜ ପ୍ରଧାନ)

ଅନୁଗୋଳ ଜିଲା କିଆକଟା ଥାନା ସୁବର୍ଣ୍ଣପୁରର ମୃତ ନାବାଳକ ସଞ୍ଜୀବ ବିଶ୍ୱାଳଙ୍କ ପରିବାରକୁ ମିଳୁଛି ଧମକ। ଫୋନ ମାଧମରେ ଏହି ଧମକ ଦିଆଯିବା ପରେ ପରିବାର ଲୋକେ ଭୟଭୀତ ହୋଇପଡ଼ିଥିବା ସଞ୍ଜୀବଙ୍କ ମା' ବାସନ୍ତୀ ବିଶ୍ୱାଳ ସୋମବାର ଗଣମାଧମ ସମ୍ମୁଖରେ ପ୍ରକାଶ କରିଛନ୍ତି। ଏଥିସହ ତାଙ୍କ ପରିବାରକୁ ସୁରକ୍ଷା ଦେବାକୁ ସେ ଦାବି କରିଛନ୍ତି। ବାସନ୍ତୀଙ୍କ ମୁହଁରୁ ଏପରି କଥା ଶୁଣିବା ପରେ ସମବେଦନା ଜଣାଇବା ପାଇଁ ଯାଇଥିବା ଭାଜପାର ବରିଷ୍ଠ ନେତା ସଞ୍ଜୀବ ସାହୁ ଆଠମଲ୍ଲିକ ଏସ୍‌ଡିପିଓ ବାଳକୃଷ୍ଣ କଅଁରଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିବା ସୂଚନା ମିଳିଛି।

## ଖିଅ ଖୋଜୁଛି କିଆକଟା ପୋଲିସ

ଅନୁଗୋଳ, ୩୧।୭ (ଅମିତ କୁମାର ସାମଲ)

- ମଙ୍ଗଳା କୋଠିକୁ ଆତଯାତ ଲୋକଙ୍କୁ ନେଇ ତଦନ୍ତ
- ଜଣେ ନାବାଳକଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା

ଅନୁଗୋଳ ଜିଲା କିଆକଟା ଥାନା ଟୁସର ଗ୍ରାମ ମଙ୍ଗଳା କୋଠିରେ ଅଧିଆ ପଡ଼ିଥିବା ବାସୁଦେବପୁର ପଞ୍ଚାୟତ ସୁବର୍ଣ୍ଣପୁରର ସଞ୍ଜୀବ ବିଶ୍ୱାଳ(୧୩)ଙ୍କ ଗଳିତ ମୃତଦେହ ଜଙ୍ଗଲରୁ ମିଳିବା ଘଟଣାର ଖିଅ ଖୋଜୁଛି ପୋଲିସ। ରବିବାର ୪ ଅଭିଯୁକ୍ତ ମଙ୍ଗଳା କୋଠିର ମହିଳା ପୂଜକ ରୀତାଞ୍ଜଳି ବାଘ ଓ ତାଙ୍କ ୩ ପୁଅଙ୍କୁ ଗିରଫ କରାଯାଇଥିଲେ ମଧ ବ୍ୟବଚ୍ଛେଦ ଓ ଫୋରେନସିକ ରିପୋର୍ଟ ଆସି ନ ଥିବାରୁ ପୋଲିସର ତଦନ୍ତ ଅଧିକ ଆଗେଇପାରି ନାହିଁ। ତେବେ ଉକ୍ତ ମଙ୍ଗଳା କୋଠିକୁ ଯାତାୟତ କରୁଥିବା ବିଭିନ୍ନ ଲୋକଙ୍କୁ ସୋମବାର ପୋଲିସ ଡକି ପଚରାଉଚରା କରିଛି। କୋଠିରେ କ'ଣ କାର୍ଯ୍ୟ ହେଉଥିଲା, କିଛି ବଳି ପ୍ରଥା ଚାଲିଥିଲା କି ନାହିଁ, କିଏ କିଏ ସେଠାକୁ ଆତଯାତ କରୁଥିଲେ, ଏସବୁ ପ୍ରଶ୍ନର ଉତ୍ତର ଖୋଜୁଛି ପୋଲିସ। ତେବେ ସେଠାରେ ରହି ଅଷ୍ଟମ ଶ୍ରେଣୀରେ ପଢୁଥିବା ଆଠମଲ୍ଲିକ ଅଞ୍ଚଳର ଜଣେ ନାବାଳକଙ୍କୁ ପୋଲିସ ସୋମବାର ଥାନାକୁ ଆଣି ପଚରାଉଚରା କରୁଛି। ସମ୍ପୃକ୍ତ ନାବାଳକ କ'ଣ ପାଇଁ ସେଠାରେ ରହିଥିଲେ ତାହା ଜାଣିବାକୁ ତାଙ୍କୁ ଓ ଅଭିଭାବକଙ୍କୁ ଅତିରିକ୍ତ ଏସ୍‌ପି ପଚରା ଉଚରା କରୁଛନ୍ତି। ସେହିପରି ଜେଲ୍‌ରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପଚରା ଉଚରା ଜାରି ରହିଥିବା ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ମଙ୍ଗଳା କୋଠିକୁ ଯାଇ ଯେଉଁମାନେ ନିଖୋଜ ଅଛନ୍ତି, ସେମାନଙ୍କ ପରରିବାର ଥାନାରେ ରିପୋର୍ଟ କରିବାକୁ ଏସ୍‌ପି କହିଛନ୍ତି। ଏହି ରିପୋର୍ଟ ମିଳିବା ପରେ ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରାଯିବ। ବନ୍ଦ ଥିବା ମାମଲାକୁ ପୁନଃ ଖୋଲାଯିବ ବୋଲି ଏସ୍‌ପି କହିଛନ୍ତି।



## ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ସଞ୍ଜୀବ ସାହୁ

ମାଧପୁର,(ମନୋଜ ପ୍ରଧାନ) /ବଇଣ୍ଡା, ୩୧।୭ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ସୁବର୍ଣ୍ଣପୁର ଗ୍ରାମର ନାବାଳକ ସଞ୍ଜୀବ ବିଶ୍ୱାଳଙ୍କୁ ବଳି ଦିଆଯାଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଉଥିବା ବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ ସୋମବାର ଦାବି କରିଛନ୍ତି। ମୃତକଙ୍କ ପରିବାରକୁ ଭେଟି ସେ ସମବେଦନା ଜଣାଇବା ସହ ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଘଟଣାର ତଦନ୍ତ ଏକ ନିରପେକ୍ଷ ସଂସ୍ଥାକୁ ଦେବା ପାଇଁ ସେ ଗଣମାଧମ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବାହାରେ ଥିବାରୁ ରବିବାର ସେ ସୁବର୍ଣ୍ଣପୁର ଆସିପାରି ନ ଥିଲେ। ତେବେ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ୨ ଦିନ ହେଲା ଏ ବିଷୟରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିଥିବା ସାହୁ କହିଛନ୍ତି। ସାହୁଙ୍କ ସହିତ ମଣ୍ଡଳ ସଭାପତି ବିଜୟ ପ୍ରଧାନ, ମଣ୍ଡଳ ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ମହାନ୍ତି, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅଲେଖ ଭୋଇ, ରମେଶ ପ୍ରଧାନ, ହୃଦାନନ୍ଦ ପ୍ରଧାନ, ପୀନା ପାଣିଗ୍ରାହୀ, ବସନ୍ତ ସ୍ୱାଇଁ, ଝରିଆ ପ୍ରଧାନ, ପ୍ରମୋଦ ପ୍ରଧାନ, ପୁର୍ବତନ ସରପଞ୍ଚ ନବ ମାହାର ପ୍ରମୁଖ ଉପସ୍ଥିତ ଥିଲେ।



ମୃତକଙ୍କ ପରିବାରକୁ ଭେଟି ଆଲୋଚନା କରୁଛନ୍ତି ସଞ୍ଜୀବ ସାହୁ।

## ସ୍କୁଲରେ ୨ ଦିନ ହେବ ଶୋକସଭା

ବଇଣ୍ଡା,୩୧।୭(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ବାସୁଦେବପୁର ପଞ୍ଚାୟତ ସୁବର୍ଣ୍ଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ସଞ୍ଜିତ୍ ବିଶ୍ୱାଳଙ୍କ ଗଳିତ ମୃତଦେହ ଜଙ୍ଗଲରୁ ମିଳିବା ପରେ ପଞ୍ଚାୟତର ବିଭିନ୍ନ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ରରେ ଶୋକପାଳନ କରାଯାଇ ଛୁଟି କରାଯିବ। ଏ ନେଇ ସରପଞ୍ଚ କଳ୍ପନା ଡାଙ୍ଗ ସୋମବାର ଚିଠି ନଂ. ୧୯୧ରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରିଛନ୍ତି। ଉକ୍ତ ଚିଠି ସମ୍ପର୍କରେ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥୀ ଶୁଣ୍ଠି କହିଛନ୍ତି, ଚିଠି ସମ୍ପର୍କରେ ସରପଞ୍ଚ ଅବଗତ କରାଇଛନ୍ତି। ହେଲେ ପିଲା ଯେପରି ସ୍କୁଲ ଆସିବେ ଓ ମଧାହ୍ନ ଭୋଜନ ଖାଇବେ ସେଥିପାଇଁ ସରପଞ୍ଚଙ୍କୁ ପରାମର୍ଶ ଦିଆଯାଇଛି। ଶୋକ ପାଳନ ସମ୍ପର୍କରେ ସରପଞ୍ଚ ଓ ଶିକ୍ଷା କମିଟି ଯାହା କିଛି ପଦକ୍ଷେପ ନେବେ।

## ମହିଳାମାନଙ୍କୁ ସଚେତନ କଲେ ସିଡିପିଓ



ବଇଣ୍ଡା,୩୧।୭(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଆକଟା ଥାନା ସୁବର୍ଣ୍ଣପୁର ଗ୍ରାମର ନାବାଳକ ସଞ୍ଜୀବ ବିଶ୍ୱାଳଙ୍କୁ ବଳି ଦିଆଯାଇଥିବା ନେଇ ସନ୍ଦେହ ପରେ ଗ୍ରାମରେ ଭୟର ବାତାବରଣ ଦେଖାଦେଇଛି। ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଏକା ବାହାରକୁ ଛାଡ଼ିବାକୁ ଭୟ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆଠମଲ୍ଲିକ ପ୍ରଶାସନ ପକ୍ଷରୁ ସୁବର୍ଣ୍ଣପୁର ଗ୍ରମରେ ସୋମବାର ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଆଠମଲ୍ଲିକ ସିଡିପିଓ ତରଙ୍ଗିଣୀ ମିର୍ଦ୍ଧା ଉକ୍ତ ଗ୍ରାମକୁ ଯାଇ ଅଞ୍ଚଳବାସୀଙ୍କ ସହ ଏକ ବୈଠକ କରିଥିଲେ। ଗ୍ରାମରେ ଥିବା ଶିଶୁମାନେ କିଭଳି ସୁରକ୍ଷିତ ରହିପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏଥିସହ ଶିଶୁମାନେ କୌଣସି ରୋଗରେ ଆକ୍ରାନ୍ତ ହେଲେ ଅଭିଭାବକମାନେ ତନ୍ତ୍ରମନ୍ତ୍ରର ସହାୟତା ନ ନେଇ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ସହ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଇବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ଧବିଶ୍ୱାସ ଠାରୁ ଦୂରେଇ ରହିବା ପାଇଁ ଗ୍ରାମବାସୀ ଯତ୍ନବାନ ହେବାକୁ ସିଡିପିଓ କହିଥିଲେ। ଏଥିସହ ଗ୍ରାମର ମହିଳାମାନଙ୍କୁ ଏ ଦିଗରେ ସେ ସଚେତନ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ସଂଯୁକ୍ତା ପ୍ରଧାନ, ପ୍ରଭାତୀ ମିର୍ଦ୍ଧା, ରଞ୍ଜିତା ମିର୍ଦ୍ଧା, ଗୀତାଞ୍ଜଳି ବିଶୋଇ, ସତ୍ୟଭାମା ପଣ୍ଡା, ସୌଦାମିନୀ ପ୍ରଧାନ, ମାମି ପ୍ରଧାନ, ଝରଣା ପ୍ରଧାନଙ୍କ ସମେତ ପଞ୍ଚାୟତର ଏମ୍‌ବିକେ, ସିଆର୍‌ପି, ଆଶା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ନୂତନ ବଣିକ ସଂଘ ଗଠିତ

ଆଠମଲ୍ଲିକ,୩୧।୭ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଏନ୍‌ଏସି ଅନ୍ତର୍ଗତ ୫ନଂ. ୱାର୍ଡ ଦୋଳମଣ୍ଡପ ସାହିର ସମସ୍ତ ବ୍ୟବସାୟୀଙ୍କୁ ନେଇ ବଣିକ ସଂଘ ଗଠନ କରାଯାଇଛି। ଏ ନେଇ ମା' ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅଭିନାଶ ଷଡ଼ଙ୍ଗୀଙ୍କ ଅଦାହକତ୍ୱ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟବସାୟୀମାନଙ୍କ ଏକତାକୁ ଗୁରୁତ୍ୱ ଦେଇ ସମସ୍ତେ କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଥିଲା। ନୂତନ ଭାବରେ ଗଠନ ହୋଇଥିବା ବଣିକ ସଂଘର ସଭାପତି ଭାବେ ସ୍ମୃତିଞ୍ଜୟ ଦାସ, ସମ୍ପାଦକ ଭାବେ କ୍ଷୀରୋଦ କୁମାର ମହାପାତ୍ରଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଥିଲା। ବୈଠକରେ ୪୦ ଜଣ ବ୍ୟବସାୟୀ ଉପସ୍ଥିତ ଥିଲେ।



## ୧୪୪ ଅଭିଯୋଗ ଶୁଣିଲେ ଜିଲାପାଳ





କଣିହାଁ,୩୧।୭ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗଦେଇ ୧୪୪ଟି ଅଭିଯୋଗର ଶୁଣାଣି କରିଥିଲେ। ରାସ୍ତା, ବାସଗୃହ, ପାନୀୟ ଜଳଯୋଗାଣ, ଖାଦ୍ୟ ସୁରକ୍ଷା ଆଇନରେ ରାସନ ପ୍ରଦାନ, ସିଆର୍‌ପି ନିଯୁକ୍ତି, ଏମ୍‌ବିକେ ନିଯୁକ୍ତି ଅନିୟମିତତା ଆଦିକୁ ନେଇ ସୁବ୍ୟବସ୍ଥା ଦିଗରେ ଶୁଣାଣି କରାଯାଇଥିଲା। ଏହାବାଦ ଶିଳ୍ପ, ଖଣି କାରଖାନାକୁ ନେଇ ବିସ୍ଥାପିତଙ୍କ ସମସ୍ୟା, ଜମିହରାଙ୍କୁ ନିଯୁକ୍ତି ଓ କ୍ଷତିପୂରଣ ଦିଗରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ସୁପାରିଶ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଜିଲା କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା, ଅତିରିକ୍ତ ଜିଲାପାଳ (ସାଧାରଣ ପ୍ରଶାସନ) ରଜନୀକାନ୍ତ ସ୍ୱାଇଁ, ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ, ଜିଲା ଜନସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ, ଉପଜିଲାପାଳ ସନ୍ତୋଷ ପ୍ରଧାନ, କଣିହାଁ ତହସିଲଦାର ଡାନିଏଲ ଏକ୍କା, ବିଡିଓ ଦେବଦତ୍ତ ପ୍ରଧାନ, ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା, ଉପଖଣ୍ଡ ଓ ବ୍ଲକର ବିଭିନ୍ନ ବିଭାଗୀୟ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ପୂର୍ତ୍ତ ବିଭାଗ ରାସ୍ତାରେ ଗର୍ତ୍ତ

ବଇଣ୍ଡା,୩୧।୭(ପରିକ୍ଷିତ ସାହୁ)

ବଇଣ୍ଡା–ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ଠାକୁରଗଡ଼ ଥାନା ନିକଟ ରାସ୍ତା ମଝିରେ ଏକ ଗର୍ତ୍ତ ହୋଇଛି। ହଠାତ୍ ରବିବାର ଅପରାହ୍ନରେ ରାସ୍ତା ଦବିବା ସହ ଏକ ଗର୍ତ୍ତ ହୋଇଗଲା। ଫଳରେ ଏହି ବାଟ ଦେଇଯାଉଥିବା କିଛି ସାଇକେଲ ଆରୋହୀ ଭୟଭୀତ ହୋଇପଡ଼ିଥିଲେ। ଏ ନେଇ ଗ୍ରାମବାସୀ ସୋମବାର ବଇଣ୍ଡା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ। ଗ୍ରାମବାସୀ କହିଛନ୍ତି, ଏହି ରାସ୍ତାକୁ ନୂତନ ଭାବେ ୨୦୧୦ ମସିହାରେ ଏକ ଠିକାସଂସ୍ଥା ନିର୍ମାଣ କରିଥିଲା। ଏହି ରାସ୍ତାର ଅନେକ ସ୍ଥାନରୁ ଖାଲ ସୃଷ୍ଟି ହେଉଥିବାବେଳେ ରାତି ଅଧିଆ ପୂର୍ତ୍ତ ବିଭାଗ ପକ୍ଷରୁ ମରାମତି କରି ଦେଇ ଦୁର୍ନୀତିକୁ ଘଣ୍ଟ ଘୋଡାଉଛନ୍ତି। ସୋମବାର ଉକ୍ତ ଗର୍ତ୍ତକୁ ବିଭାଗ ପକ୍ଷରୁ ଡାଳ ପକାଇ ଓ ଆଗରେ ପୋଲିସର ସ୍ପିଡ ବ୍ରେକର ଦେଇ ଗାଡି ଚଳାଚଳ ଉପରେ କଟକଣା କରାଯାଇଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାର ଗାଡି ଯାତାୟାତ କରୁଥିବାବେଳେ ତୁରନ୍ତ ଉକ୍ତ ଗର୍ତ୍ତକୁ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ ରାସ୍ତାର କନିଷ୍ଠ ଯନ୍ତ୍ରୀ କାଶୀନାଥ ମଲ୍ଲିକ କହିଛନ୍ତି, ତୁରନ୍ତ ପଦକ୍ଷେପ ନିଆଯିବ।





## ଦମ୍ପତିଙ୍କୁ ଜେଲ୍, ଜରିମାନା ଦଣ୍ଡାଦେଶ

ଛେଣ୍ଡିପଦା,୩୧।୭(ଅଜିତ ଧଳ)

ଛେଣ୍ଡିପଦା ସଦର ମହକୁମାରେ ଥିବା କନିଷ୍ଠ ବିଚାର ବିଭାଗୀୟ ଦେୱାନୀ ଅଦାଲତ (ଜେଏମ୍‌ଏଫ୍‌ସି କୋର୍ଟ)ର ବିଚାରପତି ଶୁଭଲକ୍ଷ୍ମୀ ପଟ୍ଟନାୟକ ଏକ ଗାଳିଗୁଲଜ ଓ ଆକ୍ରମଣ ମାମଲାର ବିଚାର କରି ଅଭିଯୁକ୍ତ ଦମ୍ପତିଙ୍କୁ ଜେଲ୍ ସହ ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନା ଅନୁଯାୟୀ, ୨୦୧୮ ଅକ୍ଟୋବର ୧ରେ ଜରପଡା ଥାନା ଲକ୍ଷ୍ମୀଧରପୁର ଗ୍ରାମର ସୁରେଶ ନାଏକ ଓ ସ୍ତ୍ରୀ ରଶ୍ମିତା ନାଏକ ସେହି ଗ୍ରାମର ମାଧବ ନାଏକ ଓ ତାଙ୍କ ସାନଭାଇ ଯାଦବ ନାଏକଙ୍କୁ ଗାଳିଗୁଲଜ ସହିତ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ନଂ, ୧୭୭/ ୧୮ରେ ମାମଲା ରୁଜୁ କରିଥିଲା। ଏହି ମାମଲାର ବିଚାର କରି ବିଚରପତି ଅଭିଯୁକ୍ତ ଦମ୍ପତିଙ୍କୁ ୨ ହଜାର ୫ଶହ ଟଙ୍କା ଜରିମାନା ଓ ୨୭ଦିନ ଜେଲ୍ ଦଣ୍ଡିରେ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ (କ୍ୟାଡର)ସର୍ବଜିତ ଶ୍ରୀଚନ୍ଦନ, ସରକାରୀ ଓକିଲ ଲକ୍ଷ୍ମୀଧର ପ୍ରଧାନ ଓ ଓକିଲ ଉତ୍କଳ ପ୍ରଧାନ ପରିଚାଳନା କରିଥିଲେ।

## ବ୍ୟାପକ ଚାରା ରୋପଣ ଜରୁରୀ

ତାଳଚେର,୩୧।୭(ମନୋଜ ନନ୍ଦ)

ତାଳଚେର ଭାଜପା ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଜାରି ରହିଛି। ତାଳଚେର ପରିବେଶକୁ ସୁସ୍ଥ ରଖିବାକୁ ହେଲେ ବ୍ୟାପକ ଚାରା ରୋପଣ କରିବାକୁ ପଡ଼ିବ ବୋଲି ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ପ୍ରକାଶ କରିଛନ୍ତି। ଅଗଷ୍ଟ ୧୫ ମଧ୍ୟରେ ୧ କୋଟି ଚାରା ରୋପଣ ପାଇଁ ଆହ୍ୱାନ ଦିଆଯାଇଥିବାରୁ ଏହାକୁ ଗୁରୁତ୍ୱର ସହ ନେଇ ସବୁ ଗ୍ରାମରେ ଭାଜପା କାର୍ଯ୍ୟକର୍ତ୍ତା ଚାରା ରୋପଣ କରି ଏକ ଜନ ଜାଗରଣ ସୃଷ୍ଟି କରିବା ସହ ପରିବେଶକୁ ସୁସ୍ଥ ରଖିବା ଦିଗରେ କାର୍ଯ୍ୟ କରିବାକୁ ସାମଲ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ତାଳଚେର ବ୍ଲକ ବଉଳପୁର ଅଞ୍ଚଳ ନୂତନ ରାକସ ଗ୍ରାମରେ ଭାଜପା ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାଜପା ରାଜ୍ୟ ସମ୍ପାଦକ ସାମଲ ଉପସ୍ଥିତ ରହି ଚାରା ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ



ଭାଜପା କାର୍ଯ୍ୟକର୍ତ୍ତାମାନେ ଚାରା ରୋପଣ କରୁଛନ୍ତି।

## ସିପିପିରେ ସ୍ୱାଭାବିକ ହେଉଛି ବିଦ୍ୟୁତ୍ ଉତ୍ପାଦନ

### ପ୍ଲାଣ୍ଟର ୬ ୟୁନିଟ୍ କାର୍ଯ୍ୟକ୍ଷମ

ବଅଁରପାଳ,୩୧।୭(ଉପେନ୍ଦ୍ର ରାଉତ)

ଅନୁଗୋଳ ସ୍ଥିତ ନାଲ୍‌କୋର ନିଜସ୍ୱ ତାପଜ ବିଦ୍ୟୁତ୍ କେନ୍ଦ୍ର (ସିପିପି)ରେ ସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେଉଛି। ପାଉଁଶ ନିଷ୍କାସନ ସମସ୍ୟକୁ ନେଇ ବନ୍ଦ ହୋଇଯାଇଥିବା ବିଦ୍ୟୁତ୍ ଉତ୍ପାଦନ ୟୁନିଟ୍‌ଗୁଡ଼ିକ ମଧ୍ୟରୁ କେତୋଟି କାର୍ଯ୍ୟକ୍ଷମ ଅବସ୍ଥାକୁ ଆସିଛି। ଏଥିସହ ଦୈନିକ ଆବଶ୍ୟକତା ମେଣ୍ଟାଇବାକୁ ନାଲ୍‌କୋ ଗ୍ରୀଡ୍‌ରୁ ବିଦ୍ୟୁତ୍ କିଣା ମଧ୍ୟ କମାଇ ଦେଇଥିବା ଶ୍ରମିକ ନେତାମାନେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ନାଲ୍‌କୋ ସିପିପିରେ ୧୦ଟି ୟୁନିଟ୍ ରହିଛି। ଏଥିରୁ ଦୈନିକ ୧୨ଶହ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହୋଇଥାଏ। ହେଲେ ନାଲ୍‌କୋର ଲିଙ୍କ୍‌ସ୍ଲୁରି ପ୍ରୋଜେକ୍ଟ କ୍ଷତିଗ୍ରସ୍ତମାନଙ୍କ ସମସ୍ୟା ନେଇ ତାଳଚେର ସୁରକ୍ଷା ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯିବା ଦ୍ୱାରା ସିପିପିରୁ ପାଉଁଶ ନିଷ୍କାସନ ୧୬ ଦିନ ଧରି ଠପ୍ ହୋଇଯାଇଥିଲା। ଫଳରେ ସିପିପିର ୫ଟି ୟୁନିଟ୍‌ରୁ ବିଦ୍ୟୁତ୍ ଉତ୍ପାଦନ ହୋଇପାରି ନ ଥିଲା। ଏଥିଯୋଗୁ ନାଲ୍‌କୋକୁ ଦୈନିକ ୩ଶହ ମୋଗାୱାଟ୍ ବିଦ୍ୟୁତ୍ କିଣିବାକୁ ପଡୁଥିଲା। ହେଲେ କ୍ଷତିଗ୍ରସ୍ତଙ୍କ ସମସ୍ୟା ସମାଧାନ ନେଇ ଆଲୋଚନା ପରେ ସୁରକ୍ଷା ମଞ୍ଚ ଆନ୍ଦୋଳନରୁ ଓହରିଯାଇଛି। ତେଣୁ ସିପିପି ପୂର୍ବ ଅବସ୍ଥାକୁ ଫେରିବା ଆରମ୍ଭ କରିଛି। ବର୍ତ୍ତମାନ ସିପିପିର ୬ଟି ୟୁନିଟ୍ କାର୍ଯ୍ୟକ୍ଷମ ଥିବାବେଳେ ଏଥିରୁ ପ୍ରାୟ ୬୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଛି। ନାଲ୍‌କୋ ମଧ ବାହାରୁ ବିଦ୍ୟୁତ୍ କିଣାକୁ ୧୯୬ ମେଗାୱାଟକୁ ହ୍ରାସ କରିଛି। ଶୀଘ୍ର ବିଦ୍ୟୁତ୍ ଉତ୍ପାଦନ କିପରି ଆହୁରି ବୃଦ୍ଧି କରାଯାଇପାରିବ ସେ ନେଇ ପ୍ଲାଣ୍ଟ କର୍ତ୍ତୃପକ୍ଷ ଉଦ୍ୟମ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ସିପିପି ଷ୍ଟକୱାର୍ଡରେ ବର୍ତ୍ତମାନ ପ୍ରାୟ ୩ ଲକ୍ଷ ମେଟ୍ରିକ ଟନ କୋଇଲା ଗଚ୍ଛିତ ରହିଛି। ମାତ୍ର ସେଥିମଧରେ ବହୁ ପଥର ଓ ଓଦା କୋଇଲା ରହିଥିବାରୁ ତାହା ବଙ୍କରରେ ଠିକ୍ ଭାବେ ଫିଡିଂ ହୋଇପାରୁ ନାହିଁ। ତେଣୁ ସିପିପି ପୂର୍ଣ୍ଣ କ୍ଷମତାରେ ଚାଲିପାରୁ ନାହିଁ ବୋଲି ଶ୍ରମିକନେତାମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନାଲ୍‌କୋ ଇଡି ଦାୟିତ୍ୱରେ ଥିବା ପି. କେ. ବିଶ୍ୱାସ କହିଛନ୍ତି, ବର୍ତ୍ତମାନ ନାଲ୍‌କୋ ପରିସ୍ଥିତ ଭଲ ଅଛି। ସିପିପିର ୬ ୟୁନିଟ୍ ଚାଲିଛି। ଦିନେ ଦୁଇ ଦିନ ପରେ ଆଉ ଗୋଟିଏ ୟୁନିଟ୍ ଚାଲିବ। ବର୍ଷା ଦିନେ କୋଇଲା ଓଦା ହେଉଥିବା ଯୋଗୁ ସାମାନ୍ୟ ସମସ୍ୟା ସୃଷ୍ଟି ହେଉଛି।



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ଛେଣ୍ଡିପଦା,୩୧।୭(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡା ଥାନା ଦୁର୍ଗାପୁର ଗ୍ରାମ ଟାଙ୍ଗରସାହିର ସତ୍ୟବ୍ରତ କୁଠାର ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ଜରପଡା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ କହିଛି, ସତ୍ୟବ୍ରତ ୮ବର୍ଷ ହେବ ସୁକାନ୍ତୀ କଠାରଙ୍କୁ ବିବାହ କରିଥିଲେ। ବିବାହର ୪ ବର୍ଷ ଠାରୁ ସ୍ୱାମୀ ବିଭିନ୍ନ ସମୟରେ ମଦ୍ୟପାନ କରି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ମାଡପିଟ କରୁଛନ୍ତି। ଏପରିକି ଜୀବନରେ ମାରି ଦେବାକୁ ଧମକ ଦେଇ ଆସୁଛନ୍ତି। ଖାଇବାକୁ ମଧ ଦେଉନାହାନ୍ତି। ଶାଶୁ ଶ୍ୱଶୁର ସ୍ୱାମୀଙ୍କ ସପକ୍ଷରେ ରହୁଥିବା ସୁକାନ୍ତୀ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ନଂ ୨୩୮/୨୩ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ଦରବୃଦ୍ଧି ବିରୋଧରେ ବିକ୍ଷୋଭ

ଢେଙ୍କାନାଳ,୩୧।୭(ରତନ ନାୟାର)

ବଢୁଥିବା ଦରଦାମ ବିରୋଧରେ ଓଡ଼ିଶା ବଞ୍ଚାଅ ଅଭିଯାନ ପକ୍ଷରୁ ସୋମବାର ଢେଙ୍କାନାଳରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ଗାନ୍ଧୀପାର୍କ ଠାରୁ ଓଡ଼ିଶା ବଞ୍ଚାଅ ଅଭିଯାନର ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ଦୀର୍ଘ ୩ମାସ ଧରି ମଣିପୁରରେ ଲାଗି ରହିଥିବା ହିଂସାତ୍ମକ କାର୍ଯ୍ୟକଳାପ ଓ ମହିଳାମାନଙ୍କ ଉପରେ ହେଉଥିବା ବର୍ବରତା ଦେଶବାସୀଙ୍କ ସମ୍ମାନ ଉପରେ ଆଞ୍ଚ ଆଣୁଥିବାରୁ ତୁରନ୍ତ ଏହାର ସମାଧାନ ପାଇଁ ଓଡ଼ିଶା ବଞ୍ଚାଅ ଅଭିଯାନ ସହ ସହବନ୍ଧିତ ସମତା କ୍ରାନ୍ତି, ସିପିଆଇ(ଏମ୍), ସିପିଆଇ, ସିପିଆଇ(ଏମ.ଏଲ୍) ଏବଂ ଓଡ଼ିଶା ପ୍ରଜା ଦଳ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଥିଲା।




ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଏଥିରେ ଉପସ୍ଥିତ ବକ୍ତାମାନେ କହିଥିଲେ ଯେ, ଗତ ୯ବର୍ଷ ମଧ୍ୟରେ ଖାଦ୍ୟ ସାମଗ୍ରୀ ଦର ଦୁଇଗୁଣ ହୋଇଛି। ୨୦୧୩ରେ ଚାଉଳ କିଲୋ ୧୮, ଗହମ କିଲୋ ୧୬, ମୁଗଡାଲି ୭୨, ସୋରିଷତେଲ ୭୦, ଆଳୁ ୧୦, ପିଆଜ ୧୦, ଅଟା ୨୦, ମଇଦା ୨୪ ଓ ସୁଜି ୨୫ଟଙ୍କା ରହିଥିବା ବେଳେ ୨୦୨୩ରେ ଚାଉଳ କିଲୋ ୩୬, ଗହମ କିଲୋ ୩୭, ମୁଗଡାଲି କିଲୋ ୧୨୦, ସୋରିଷତେଲ ୧୪୫, ଆଳୁ ୨୦, ପିଆଜ ୨୫, ଅଟା ୪୫, ମଇଦା ୪୦ ଓ ସୁଜି ୪୨ଟଙ୍କାରେ ପହଞ୍ଚିଛି। ଏହା ସାଙ୍ଗକୁ କଳାବଜାର, ମୁନଫାଖୋରମାନଙ୍କ ଅନିୟନ୍ତ୍ରିତ ବ୍ୟବସାୟ, ଖାଦ୍ୟ ସାମଗ୍ରୀ ସମେତ ପନିପରିବା ଆଦିକୁ ଘରୋଇ ଶୀତଳ ଭଣ୍ଡାରରେ ବେଆଇନ ଭାବେ ଗଚ୍ଛିତ ରଖି ଚାଷୀ ଓ ଖାଉଟିଙ୍କୁ ଶୋଷଣ କରାଯାଉଛି। ତେଣୁ ଚାଉଳ, ଗହମ ସମେତ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକୁ ସରକାରୀ କଣ୍ଟ୍ରୋଲ ଦୋକାନ ମାଧ୍ୟମରେ ସବୁ ବର୍ଗଙ୍କୁ ଯୋଗାଇଦେବା ଏବଂ ମଣିପୁରରେ ତୁରନ୍ତ ଶାନ୍ତି ଫେରାଇ ଆଣିବାକୁ ଦାବି କରାଯାଇଥିଲା। ଏ ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ସମତା କ୍ରାନ୍ତି ଓଡ଼ିଶା ଶାଖାର ସରୋଜ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ସିପିଆଇଏମ୍ ରାଜ୍ୟ କମିଟି ସଦସ୍ୟ ବଦ୍ରି ନାରାୟଣ ଦାସ, ଜିଲା ଆବାହକ ସର୍ବକ୍ଷା ସାହୁ, ଅଶୋକ ପୃଷ୍ଟି, ସିପିଆଇ ଜିଲା ସମ୍ପାଦକ ଶିବରାମ ସାହୁ, ଶ୍ରମିକ ନେତା ରବି ରଥ, ସିପିଆଇ ଜୋନାଲ ସମ୍ପାଦକ ପ୍ରଫୁଲ ନାୟକ, ସିପିଆଇ(ଏମ୍ଏଲ୍) ଶ୍ରୀନିବାସ ସାହୁ, ଓଡ଼ିଶା ପ୍ରଜା ଦଳ ପକ୍ଷରୁ ନୁରୁଲ ଇସଲାମ ପ୍ରମୁଖ ସାମିଲ ହୋଇଥିଲେ।

# ଖାଲି ପଡ଼ିଥିବା ପଦବୀ ପୂରଣ ଦାବି

ଢେଙ୍କାନାଳ,୩୧।୭(ରତନ ନାୟାର)

ଢେଙ୍କାନାଳ ଜିଲାର ସରକାରୀ କାର୍ଯ୍ୟାଳୟମାନଙ୍କରେ ଖାଲି ପଡ଼ିଥିବା ପଦବୀ ପୂରଣ କରିବା ପାଇଁ ସୋମବାର ଭାରତୀୟ କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ଦାବି କରାଯାଇଛି। ସମ୍ପାଦକ ରବି ରଥ ଓ ସହସମ୍ପାଦକ ପ୍ରଫୁଲ୍ଲ କୁମାର ନାଏକ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରମେଶ କୁମାର ସେଠୀଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରି ଏହି ନିବେଦନ କରିଛନ୍ତି। ବିଶେଷକରି ଶ୍ରମ କାର୍ଯ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ କରିବା ଜରୁରୀ ହୋଇପଡିଛି। କର୍ମଚାରୀ ଅଭାବ ଥିବାରୁ ଶ୍ରମିକମାନେ ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଥିବା ଦାବିପତ୍ରରେ ଦର୍ଶାଯାଇଛି।



ୟୁନିୟନ ପକ୍ଷରୁ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଉଛି।

# ବାପାଙ୍କ ମୃତ୍ୟୁ ପରେ ପୁଅଙ୍କୁ ମିଳୁନି ରାଶନ

## ତୁରନ୍ତ ପଦକ୍ଷେପ ନେବାକୁ ଉପଜିଲାପାଳଙ୍କ ନିର୍ଦ୍ଦେଶ

କାମାକ୍ଷାନଗର,୩୧।୭( ସୁକ୍ଷୀର ପରିଡ଼ା)

ବାପାଙ୍କ ମୃତ୍ୟୁ ପରେ ପୁଅଙ୍କୁ ମିଳୁନି ରାଶନ। ଏପରି କି ପୁଅଙ୍କ ନାମ ରାଶନ କାର୍ଡରୁ କଟାହୋଇଯାଇଛି। ସରକାରୀ କର୍ମଚାରୀଙ୍କ ତ୍ରୁଟି ଯୋଗୁ ୬ ମାସ ହେଲା କାମାକ୍ଷାନଗର ବ୍ଲକ ଡୁମୁସିଙ୍ଗା ଗାଁର ହାଡ଼ିବନ୍ଧୁ ରାଉତ ଚାଉଳ ପାଇପାରୁ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ହାଡ଼ିବନ୍ଧୁ ସୋମବାର କାମାକ୍ଷାନଗର ଉପଜିଲାପାଳଙ୍କ ଦ୍ୱାରସ୍ଥ ହେବା ପରେ ତୁରନ୍ତ ପଦକ୍ଷେପ ନେବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗପତ୍ରରେ ହାଡ଼ିବନ୍ଧୁ ଦର୍ଶାଇଛନ୍ତି, ତାଙ୍କ ବାପା ଦୁଖବନ୍ଧୁ ରାଉତଙ୍କ ୮ ମାସ ହେଲା ମୃତ୍ୟୁ ହୋଇଯାଇଛି। ତାଙ୍କ ପରିବାରର ଗୋଟିଏ ରାସନ କାର୍ଡ ଥିବାବେଳେ ତାଙ୍କୁ ବାଦ୍‌ଦେଇ ଅନ୍ୟମାନଙ୍କ ନାମରେ ଚାଉଳ ମିଳୁଛି। ସେ ଅତ୍ୟନ୍ତ ଗରିବ ହୋଇଥିବାରୁ ସରକାରୀ ଚାଉଳ ମିଳୁ ନ ଥିବାରୁ ସେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ବ୍ଲକ ଯୋଗାଣ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିବା ପରେ ମଧ କୌଣସି ସୁଫଳ ମିଳୁନାହିଁ। ଏ ନେଇ ପଦକ୍ଷେପ ନେବାକୁ ସେ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଉପଜିଲାପାଳ ତୁରନ୍ତ କାମାକ୍ଷାନଗର ଉପଖଣ୍ଡ ଯୋଗାଣ ଅଧିକାରୀ ତାରିଣୀ ଶଙ୍କର ମିଶ୍ରଙ୍କୁ ଏ ଦିଗରେ ପଦକ୍ଷେପ ନେବା ସହ ରାଶନକାର୍ଡରେ ହାଡ଼ିବନ୍ଧୁଙ୍କ ନାମ ପୁନଃ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



କାମାକ୍ଷାନଗର ଉପଜିଲାପାଳଙ୍କୁ ହାଡ଼ିବନ୍ଧୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

# ପ୍ରେସ୍ କ୍ଲବ ସଭାପତିଙ୍କ ପତ୍ନୀ ବିୟୋଗ

ଢେଙ୍କାନାଳ,୩୧।୭(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପ୍ରେସ୍ କ୍ଲବ ସଭାପତି ମହେନ୍ଦ୍ର କୁମାର ସାହୁଙ୍କ ସ୍ତ୍ରୀ ପ୍ରତିମା ସାହୁଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ସୋମବାର ପରଲୋକ ହୋଇଯାଇଛି । ଖବର ଜଣାପଡିବା ପରେ ଗଁଦିଆ ପ୍ରେସ୍ କ୍ଲବ ସମେତ ଗଁଦିଆ ସ୍ମୃତି ସଂସଦ ସଭାପତି ହରିହର ସାହୁ, ଜିଲା ସାମ୍ବାଦିକ ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏଥିସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି ।



ପ୍ରତିମା ସାହୁ

# ଧାନ ବିକ୍ରି ପଞ୍ଜୀକରଣ କେନ୍ଦ୍ର ଖୋଲାଯାଉ

ଢେଙ୍କାନାଳ,୩୧।୭(ରତନ ନାୟାର)

ଢେଙ୍କାନାଳ ଜିଲା ଗେଙ୍ଗୁଟିଆ ପଞ୍ଚାୟତରେ ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ କେନ୍ଦ୍ର ଖୋଲିବାକୁ ଚାଷୀମାନେ ସୋମବାର ଉପଜିଲାପାଳଙ୍କ ଜନଶୁଣାଣି ବେଳେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତର ଚାଷୀମାନେ ଦର୍ଶାଇଛନ୍ତି, ୨୦୨୩–୨୪ ବର୍ଷ ପାଇଁ ଖରିଫ ଧାନ ବିକ୍ରୟ ନିମନ୍ତେ ପଞ୍ଚାୟତରେ ଏଯାଏ ମଣ୍ଡି ଖୋଲାଯାଇନାହିଁ। ତେଣୁ ୫୦୦ରୁ ଅଧିକ ଚାଷୀ ନାମ ପଞ୍ଜୀକରଣ କରିବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତବର୍ଷ ମା' ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଧାନ ସଂଗ୍ରହ କରିବା ନିମନ୍ତେ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ଚଳିତବର୍ଷ ପଞ୍ଜୀକରଣ କରିବା ପାଇଁ ଗେଙ୍ଗୁଟିଆ ପ୍ରାଥମିକ କୃଷି ସମବାୟ ସମିତି ଓ ମା'ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ମନା କରିଦେଉଛନ୍ତି। ତେଣୁ ଗେଙ୍ଗୁଟିଆ ପଞ୍ଚାୟତର ସମସ୍ତ ଚାଷୀ ଧାନ ବିକ୍ରି କରିବାରୁ ବଞ୍ଚିତ ହେଉଛନ୍ତି। ଏହାର ସମାଧାନ ନିମନ୍ତେ ପଞ୍ଜୀକରଣର ସୁବିଧା କରାଯିବାକୁ ଚାଷୀମାନେ ଦାବି କରିଛନ୍ତି। ପଞ୍ଚାୟତର ୫ନଂ. ୱାର୍ଡ ସଭ୍ୟ ପ୍ରଦୀପ କୁମାର ମଲ୍ଲିକଙ୍କ ସହିତ ସାରଙ୍ଗ ସାହାଣୀ, ଗୋବର୍ଦ୍ଧନ ମଲ୍ଲିକ, ଆନନ୍ଦ ମଲ୍ଲିକ, ହିମାଂଶୁ ମଲ୍ଲିକ, ନରେଶ ମଲ୍ଲିକ, ବିନୋଦ ମଲ୍ଲିକ, ସାଗର ସାହୁ, ମୁରଲୀଧର ମଲ୍ଲିକଙ୍କ ସମେତ ବହୁ ଚାଷୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଗେଙ୍ଗୁଟିଆ ପଞ୍ଚାୟତର ଚାଷୀମାନେ।

# ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କୁ ଅବସର ସମ୍ବର୍ଦ୍ଧନା

ଭୁବନ,୩୧।୭(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶ୍ରୀକାନ୍ତ କୁମାର ବେହେରାଙ୍କୁ ସୋମବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପଞ୍ଚାୟତ ସଭାଗୃହରେ ଆୟୋଜିତ ସଭାରେ ବିଡିଓ କଲ୍ୟାଣ ସୌରଭ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଅତିଥି ଭାବେ ବ୍ଲକ ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ଲୀଳାମ୍ବର କୁମ୍ଭ ଯୋଗଦେଇ ଶ୍ରୀକାନ୍ତଙ୍କ କାର୍ଯ୍ୟ ଦକ୍ଷତା, ଲୋକପ୍ରିୟତା ଓ ସହଯୋଗ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ଓ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ ଉପସ୍ଥିତ ଥିଲେ।



ସଭାରେ ମଞ୍ଚାସୀନ ଅତିଥିମାନେ।

# ୨୯ ଅଭିଯୋଗର ସମାଧାନ



ଜନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

ଢେଙ୍କାନାଳ,୩୧।୭(ରତନ ନାୟାର)

ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୯୯ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିରୁ ୨୯ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅଭିଯୋଗଗୁଡ଼ିକ ମଧ୍ୟରେ ୮ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଓ ରେଡ୍‌କ୍ରସ୍‌ରୁ ସହାୟତା ବାବଦକୁ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜିଲାପାଳ ସରୋଜ କୁମାର ସେଠୀ ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଜ୍ଞାନ ମେଳାରେ ୫୭ ପ୍ରକଳ୍ପ ପ୍ରଦର୍ଶିତ

ସାତମାଇଲ,୩୧।୭(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସୋମବାର ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଦୟାନିଧି ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମେଳାରେ ମୁଖ୍ୟଅତିଥି ଭାବେ ଜନତା ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ଯୋଗ ଦେଇଥିଲେ। ମୋଟ୍ ୫୭ ପ୍ରକଳ୍ପରେ ୩୦୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କଳିଙ୍ଗାପାଳ ଉଚ୍ଚ ବିଦ୍ୟାଳୟର ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ରାମଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ରାଜକିଶୋର ପାଳ, ପ୍ରତାପ ଚନ୍ଦ୍ର ବିଶ୍ୱାଳ, ପ୍ରକାଶ ସାହୁ, ସାଗର ପ୍ରଧାନ, ଆଚାର୍ଯ୍ୟା ଶାନ୍ତିପ୍ରିୟା ପାଳଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ ପ୍ରମୁଖ ସହଯୋଗ କରିଥିଲେ। ମଞ୍ଜୁଳା ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ପରେଡ୍‌ରେ ଭାଗନେବେ ୫୧ ଦଳ

## ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି

କାମାକ୍ଷାନଗର,୩୧।୭(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସଭାଗୃହଠାରେ ୭୭ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। କାମାକ୍ଷାନଗର ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ରଞ୍ଜନ କୁମାର ଦେ, ଓକିଲ ସଂଘ ସଭାପତି ଧର୍ମାନନ୍ଦ ମଲ୍ଲିକ, ସହକାରୀ ଜିଲାପାଳ ମଦନମୋହନ ଜେନା ଓ ଦୀପକ ମିଶ୍ର ଉପସ୍ଥିତ ଥିଲେ। ସହରସ୍ଥିତ ରେଙ୍ଗାଳି ପଡ଼ିଆରେ ପାଳନ ହେବାକୁ ଥିବା ଏହି ଜତୀୟ ଦିବସରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଯୋଗଦେଇ ପତାକା ଉତ୍ତୋଳନ କରିବେ। ଏହି ଅବସରରେ ପରେଡ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ପୂର୍ବ ବର୍ଷ ପରେଡରେ ମୋଟ୍ ୪୯ଟି ଦଳ ଭାଗ ନେଇଥିବାବେଳେ ଚଳିତ ବର୍ଷ ଏହା ୫୧କୁ ବୃଦ୍ଧି ପାଇଛି। ଏଥିସହ ପୂର୍ବବର୍ଷ ପରି ବିଭିନ୍ନ ପ୍ରତିଯୋଗିତା ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, କ୍ରୀଡ଼ା ଶିକ୍ଷକ, ସମସ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ, ବିଭିନ୍ନ ସଙ୍ଗଠନ ଓ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ତଥା ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ।




# ଓଏଏସ୍ ପରୀକ୍ଷାରେ ସଫଳତା

## ବିରୁପାକ୍ଷ ୨୪, ଶୁଭମ୍ ୨୬, ସ୍ୱୟଂ ବିକାଶଙ୍କୁ ୨୫୯ ର୍‌ୟାଙ୍କ

ଢେଙ୍କାନାଳ,୩୧।୭ (ରତନ ନାୟାର)



ଶୁଭମ୍ ଶୁଭାଶିଷ ଶତପଥୀ



ସ୍ୱୟଂ ବିକାଶ ସାମଲ।



ବିରୁପାକ୍ଷ ନନ୍ଦ।

ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷାରେ ଢେଙ୍କାନାଳ ଜିଲାର ବିରୁପାକ୍ଷ ନନ୍ଦଙ୍କୁ ୨୪ତମ ର୍‌ୟାଙ୍କ ମିଳିଛି। ଶୁଭମ୍ ଶତପଥୀ ୨୬ତମ ସ୍ଥାନରେ ଥିବାବେଳେ ସ୍ୱୟଂ ବିକାଶ ସାମଲ ୨୫୯ ତମ ସ୍ଥାନ ପାଇଛନ୍ତି।

୨୪ତମ ର୍‌ୟାଙ୍କ ପାଇଥିବା ବିରୁପାକ୍ଷ ନନ୍ଦଙ୍କ ଘର ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନୟାଭାଗୀରଥିପୁର ପଞ୍ଚାୟତର ବଡ଼ଧଳପୁର ଗ୍ରାମରେ। ସେ ବଡ଼ଧଳପୁର ଗ୍ରାମର ଶିକ୍ଷକ ବିଜୟ କୁମାର ନନ୍ଦ ଓ ପ୍ରତିମା ନନ୍ଦଙ୍କ ଏକମାତ୍ର ପୁତ୍ର। ମାତୃଭବନ ବାରଦା ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ୍‌ରେ ଏ–୧, ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ +୨ ବିଜ୍ଞାନ ଓ +୩ ବିଜ୍ଞାନରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ବିଭାଗ ପଦାର୍ଥ ବିଜ୍ଞାନରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହାପରେ ଆଇଆଇଟି ମୁମ୍ବାଇ ଠାରେ ସ୍ପେସ୍ ସାଇନ୍ସରେ ଏମ୍‌ଟେକ୍ କରିବା ସହ ଏକ ମେଡିସିନ କମ୍ପାନୀରେ ଜୁନିୟର ସାଇଣ୍ଟିଷ୍ଟ ଭାବେ ଅବସ୍ଥାପିତ ହୋଇଥିଲେ। ଏହି ସଫଳତା ପାଇଁ ସେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ନୟାଭାଗୀରଥିପୁର ପଞ୍ଚାୟତ ବ୍ରଜବିହାରପୁର ଶାସନର ଶୁଭମ୍ ଶୁଭାଶିଷ ଶତପଥୀଙ୍କୁ ୨୬ତମ ସ୍ଥାନ ମିଳିଛି। ସେ ବ୍ରଜବିହାରପୁର ଗ୍ରାମର ବେଣୁଧର ଶତପଥୀଙ୍କ ପୁତ୍ର। ଗୋଟିଏ ପଞ୍ଚାୟତରୁ ୨ ଜଣ ଓଏଏସ୍‌ରେ ସଫଳତା ପାଇବା ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି। ସେହିପରି ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା କୁରୁଣ୍ଟି ଗ୍ରାମର ସ୍ୱୟଂ ବିକାଶ ସାମଲ ୨୫୯ ତମ ସ୍ଥାନରେ ରହିଛନ୍ତି। ସେ ଅବସରପ୍ରାପ୍ତ ଭାରତୀୟ ସେନା କର୍ମଚାରୀ ବିଦ୍ୟାଧର ସାମଲ ଓ ଛନ୍ଦା ସାମନ୍ତ ସିଂହାରଙ୍କ ଜ୍ୟେଷ୍ଠ ପୁତ୍ର। ଖଡ଼ଗପ୍ରସାଦସ୍ଥିତ ବ୍ରାହ୍ମଣୀ ପବ୍ଲିକ ସ୍କୁଲରେ ପ୍ରାଥମିକ ଶିକ୍ଷା ପରେ ସ୍ୱୟଂ ବିକାଶ ସରାଙ୍ଗସ୍ଥିତ ଜବାହାର ନବୋଦୟରେ ପାଠ ପଢିଥିଲେ। ଭୁବନେଶ୍ୱରସ୍ଥିତ ବିଜେବି କଲେଜରୁ ବିଜ୍ଞାନରେ କୃତିତ୍ୱର ସହ ଉତୀର୍ଣ୍ଣ ହୋଇ ସେ ଭାରତୀୟ ଓ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି କରିଥିଲେ। ଏହି ଖବର ଜଣାପଡ଼ିବା ପରେ କୁରୁଣ୍ଟି ଗ୍ରାମ ବ୍ରାହ୍ମଣୀ ପବ୍ଲିକ ସ୍କୁଲ ଓ ସରାଙ୍ଗ ନବୋଦୟ ବିଦ୍ୟାଳୟରେ ଖୁସିର ଲହରି ଖେଳିଯାଇଛି ।

## ସଂକ୍ଷେପରେ

### ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

ବଇଣ୍ଡା,୩୧।୭(ପରିକ୍ଷିତ ସାହୁ)

ଠାକୁରଗଡ଼ ଥାନା ବନ୍ଧୁଲ ଗ୍ରାମର ସୁନିତା ଗୋଛାୟତଙ୍କୁ ତାଙ୍କ ସ୍ୱାମୀ ଦୀନବନ୍ଧୁ ଗୋଛାୟତ, ଶ୍ୱଶୁର ରତ୍ନାକର ଗୋଛାୟତ, ଶାଶୁ ଫୁଲ ଗୋଛାୟତ ଯୌତୁକ ନିର୍ଯାତନା ଦେଉଥିବା ସୁନିତା ସୋମବାର ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୮୭/୨୩ ରେ ଏକ ମାମଲା ରୁଜୁ କରିଛି। ସୁନିତା ୧୫ ବର୍ଷ ହେବ ବିବାହ କରିଥିଲେ। ତାଙ୍କୁ କିଛିଦିନ ହେବ ଶ୍ୱଶୁରଙ୍କ ପରିବାର ପକ୍ଷରୁ ମାଡ଼ ମାରିବା ସହ ଯୌତୁକ ଆଣିବା ପାଇଁ କହି ନିର୍ଯାତନା ଦିଆଯାଉଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଘରୁ ମୃତଦେହ ଜବତ

ବଇଣ୍ଡା,୩୧।୭(ପରିକ୍ଷିତ ସାହୁ)

ଠାକୁରଗଡ଼ ଥାନା କନ୍ତପଡା ଗ୍ରାମର ସୁରେଶ ପ୍ରଧାନଙ୍କ ମୃତଦେହ ସୋମବାର ଠାକୁରଗଡ଼ ପୋଲିସ ଜବତ କରିଛି। ଏ ନେଇ ନଂ. ୯/୨୩ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ସେ ଘରେ ଶୋଇଥିବାବେଳେ କୌଣସି କାରଣରୁ ତାଙ୍କର ମୃତ୍ୟୁ ହୋଇଛି। ସକାଳୁ ନ ଉଠିବାରୁ ଏ ନେଇ ପରିବାର ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ମୃତଦେହ ଜବତ କରିଥିଲା।

### ସାପ କାମୁଡ଼ାରେ ମହିଳା ମୃତ

ଅନୁଗୋଳ,୩୧।୭(ଅମିତ ସାମଲ)

ଅନୁଗୋଳ ଜିଲା ବଅଁରପାଳ ଥାନା ଫୁଲପଡ଼ା ପଞ୍ଚାୟତ ସାନ୍ତରାପୁର ଗ୍ରାମର ସୀତା ଭୋଇ(୪୮) ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ପୋଲିସ କହିଛି, ରବିବାର ବିଳମ୍ବିତ ରାତିରେ ସୀତା ଘରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଓସିଏସ୍ ପରୀକ୍ଷାରେ ଅନୁଗୋଳର ୭ ଜଣଙ୍କ ସଫଳତା

ଅନୁଗୋଳ,(ଅମିତ ସାମଲ)/ ଛେଣ୍ଡିପଦା,(ଅଜିତ ଧଳ)/ କଣିହାଁ,୩୧।୭(ସଚ୍ଚିଦାନନ୍ଦ ପ୍ରଧାନ)



ଲିପ୍‌ସା ଭାରତୀ। ଜ୍ୟୋତିରଞ୍ଜନ ପ୍ରଧାନ। ବୈଜୟନ୍ତୀ ମଲ୍ଲିକ।



ଆର୍ଯ୍ୟା ସଭ୍ୟତା। ଧୀରେନ କୁମାର ନାୟ। ଆଶାଜ୍ୟୋତି ସାହୁ। ଦିବ୍ୟରଞ୍ଜନ ନାଥ।

ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷାରେ ଅନୁଗୋଳର ୪ ଜଣ ଝିଅ ଓ ଜଣେ ପୁଅ ସଫଳତା ପାଇଛନ୍ତି। ଅନୁଗୋଳ ସହର ଶିମିଳିପଡାର ଆଶାଜ୍ୟୋତି ସାହୁ ୬୨ ତମ ସ୍ଥାନରେ ରହିଛନ୍ତି। ତାଙ୍କ ବାପା ଦିବାକର ସାହୁ ରାଉରକେଲାରେ ବ୍ୟବସାୟ କରୁଥିବାବେଳେ ମା' ସୁଜାତା ରାଣି ପାଣିଗ୍ରାହୀ ଏକ ଘରୋଇ ସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି। ସେହିପରି ମାଟିଆ ସାହିରେ ରହୁଥିବା ଆର୍ଯ୍ୟା ସଭ୍ୟତା ରାୟ ୧୪୨ ତମ ସ୍ଥାନରେ ରହିଛନ୍ତି। ଆର୍ଯ୍ୟାଙ୍କ ବାପା ଯୋଗ ଗୁରୁ ଅଭୟ ରାୟ ଓ ମା' ପ୍ରତିଭୟ ରାୟ ଗୃହିଣୀ ଅଟନ୍ତି। ସେହିପରି ନାଲ୍‌କୋ ନଗରର ବୈଜୟନ୍ତୀ ମଲ୍ଲିକ ୩୨୫ ତମ ସ୍ଥାନରେ ରହି ସଫଳତା ପାଇଛନ୍ତି। ସେହିପରି ନାଲ୍‌କୋ ଅଞ୍ଚଳର ଲିପ୍ସା ଭାରତୀ ୧୯ତମ ସ୍ଥାନରେ ରହିଛନ୍ତି। ଲିପ୍ସା ଥର୍ମାଲ ଡିଏଭିର ପୁରାତନ ଛାତ୍ରୀ। ସିବିଏସଇ ଦଶମ ପରୀକ୍ଷାରେ ସେ ସର୍ବଭାରତୀୟସ୍ତରରେ ଟପ୍ପର୍‌ହୋଇଥିଲେ। ପରେ ଚନ୍ଦ୍ରଶେଖରପୁର ଡିଏଭିରୁ ଯୁକ୍ତ ୨ ଓ ପରେ ଇଞ୍ଜିନିୟରିଂ ଶେଷ କରିଥିଲେ। ସେହିପରି ଜ୍ୟୋତିରଞ୍ଜନ ପ୍ରଧାନ ୨୨ତମ ସ୍ଥାନରେ ରହିଛନ୍ତି। ଏସ୍‌ଭିଏମରେ ଦଶମ ପରେ ସେ ନାଲ୍‌କୋ ନଗର ଡିପିଏସରୁ ଯୁକ୍ତ ୨ ପାସ କରିଥିଲେ। ପରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ସ୍ନାତକ ଶେଷ କରିଥିଲେ। ତାଙ୍କ ବାପା ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ କାର୍ବନ ଏରିଆ କର୍ମଚାରୀ ପ୍ରଫୁଲ ପ୍ରଧାନ ଓ ମା' ପଙ୍କଜିନୀ ପ୍ରଧାନ ଜଣେ ଗୃହିଣୀ। ସେହିପରି ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କଣିହାଁ ବ୍ଲକ ବିଜିଗୋଳ ଗ୍ରାମରେ ରହୁଥିବା ଦିବ୍ୟରଞ୍ଜନ ନାଥ କୃତକାର୍ଯ୍ୟ ହୋଇଛନ୍ତି। ସେ ୩୮ତମ ସ୍ଥାନରେ ରହିଛନ୍ତି। ଏହି ସଫଳତା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିଛି। ଦିବ୍ୟରଞ୍ଜନ କହିଛନ୍ତି, ଧର୍ଯ୍ୟ, ଇଚ୍ଛାଶକ୍ତି, ପରିଶ୍ରମ ସଫଳତା ପାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନରେ ଆଇଏଏସ ହେବାର ଲକ୍ଷ୍ୟ ରଖିଛି। ଦିବ୍ୟରଞ୍ଜନ ଏନ୍‌ଟିପିସି ସରସ୍ୱତୀ ଶିଶୁ ମନ୍ଦିର ୨୦୧୩ରେ ମାଟ୍ରିକ ପାସ୍ ପରେ ଅନ୍ୟାନ୍ୟ ଶିକ୍ଷା ସଂସ୍ଥାନରେ ପାଠ ପଢି ୨୦୨୦ରେ ରାଉରକେଲା ନିଟ୍ ଶିକ୍ଷା ଅନୁଷ୍ଠାନରୁ ପଦାର୍ଥ ବିଜ୍ଞାନର ପିଜି କରି ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରଖିଥିଲେ। ଦିବ୍ୟରଞ୍ଜନଙ୍କ ମା' ମମତା ନାଥ ଗୃହିଣୀ ହୋଇଥିବାବେଳେ ବାପା ଆନନ୍ଦ ଚନ୍ଦ୍ର ନାଥ ଏନ୍‌ଟିପିସି ବଜାରରେ ମାହେଶ୍ୱରୀ ଷ୍ଟୁଡିଓର ମାଲିକ ଅଟନ୍ତି। ତାଙ୍କ ମୂଳ ଘର ଢେଙ୍କାନାଳ ଜିଲା ଗନ୍ଦିଆ ବ୍ଲକ ପିଙ୍ଗୁଆ ଗ୍ରାମ ହୋଇଥିବାବେଳେ ସେ ଦୀର୍ଘ ୪୮ବର୍ଷ ହେଲା ବିଜିଗୋଳରେ ସ୍ଥାୟୀ ବାସିନ୍ଦା ହୋଇ ରହୁଛନ୍ତି। ସେହିପରି ଛେଣ୍ଡିପଦା ବ୍ଲକ ମାଛକୁଟା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବିକ୍ରମ ନାୟକଙ୍କ ପୁଅ ବୀରେନ କୁମାର ନାୟକ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ସେ ୩୫୦ ସ୍ଥାନରେ ରହିଛନ୍ତି। ପୋଡାପଡା ଉଚ୍ଚବିଦ୍ୟାଳୟରୁ ମାଟ୍ରିକ ଏବଂ ଓୟୁଏଟିରେ ସ୍ନାତକରେ ଉତ୍ତୀର୍ଣ୍ଣ ହେବା ପରେ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେବା ପାଇଁ ପ୍ରସ୍ତୁତି ଚଳାଇଥିଲେ। ଏହି ସଫଳତା ପାଇଁ ସେ ଭଗବାନ, ବାପା, ମା' ଓ ସାଙ୍ଗ ସାଥିଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କର ଆଶା ଓ ବିଶ୍ୱାସର ପ୍ରେରଣା ପାଇଁ ସେ ସଫଳତା ପାଇଥିବା ପ୍ରକାଶ କରିଛନ୍ତି।

# ବ୍ରାଉନ୍‌ସୁଗାର ଜବତ, ୩ ଗିରଫ

କଣିହାଁ,୩୧।୭(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ସମଲ ପୋଲିସ ବ୍ରାଉନସୁଗାର ବ୍ୟବସାୟ ମାମଲାରେ ସୋମବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁଲେଇ ଗ୍ରାମର ନରେନ୍ଦ୍ର କୁମାର ଦାସ(୩୫), ଗହମ ଗ୍ରାମର କୁଳମଣୀ ମୁଦୁଲି(୫୫) ଏବଂ ଦୀପକ ସାହୁ(୨୮)। ରବିବାର ଉକ୍ତ ୩ ଜଣ ଏକ ବାଇକ୍‌ରେ ଯାଉଥିବାବେଳେ ସମଲ ପୋଲିସ ସେମାନଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ୧.୦୨ ଗ୍ରାମ୍ ବ୍ରାଉନ ସୁଗାର ଜବତ କରିଥିଲା। ପରେ ସେମାନଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରିଥିଲା। ସେମାନଙ୍କ ନିକଟରୁ ବାଇକ୍, ୩ଟି ମୋବାଇଲ୍ ଫୋନ, ୨୯୦୦ ଟଙ୍କା ଜବତ ହୋଇଛି। ଏ ନେଇ ସମଲ ଥାନା ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି, ବ୍ରାଉନ ସୁଗାର ବ୍ୟବସାୟ ମାମଲାରେ ତିନିଜଣ ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ରବିବାର ସେମାନେ ଧରା ପଡିଥିବା ପରେ ଥାନାକୁ ଅଣାଯାଇ ପଚରାଉଚରା କରାଯାଇଥିଲା। ଏ ନେଇ ଅଧିକ ତଦନ୍ତ ଜାରି ରହିଛି।



ଗିରଫ ଅଭିଯୁକ୍ତମାନେ।

# ମାଳତୀ ଦେବୀଙ୍କ ଜୟନ୍ତୀ

ଛେଣ୍ଡିପଦା,୩୧।୭(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ତୁକୁଡା ଗ୍ରାମରେ ଥିବା ଜ୍ୟୋତି ପାଠାଗାର ପରିସରରେ ମାଳତୀ ଦେବୀ ଚୌଧୁରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ସାମାଜିକ କର୍ମୀ ସୁମନ୍ତ ସାହୁ ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ଦେହୁରୀ, ଅଂଶୁମାନ ସାହୁ, ବିଶ୍ୱଜିତ ସାହୁ, ଗୋପବନ୍ଧୁ ସାହୁ, ଶିବାଜୀ ସାହୁ, ରାମ ସାହୁ, ଅମୀ ସାହୁ, ସିତୁ ସାହୁ ପ୍ରମୁଖ ଉପସ୍ଥିତ ରହି ଜୟନ୍ତୀ ପାଳନରେ ସହଯୋଗ କରିଥିଲେ। ମାଳତୀ ଦେବୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ତାଙ୍କ ଜୀବନୀ, ସ୍ୱାଧୀନତା ସଂଗ୍ରାମ, ବାଜିରାଉତ ଛାତ୍ରାବାସ ଗଢ଼ିବାର ସଫଳ ପ୍ରୟାସ ଆଦିକୁ ମନେ ପକାଇ ଜୟନ୍ତୀ ପାଳନ କରାଯାଇଥିଲା।



# ଶିଶୁଙ୍କୁ ଶ୍ରମରେ ଲଗାଇବା ଦଣ୍ଡନୀୟ ଅପରାଧ

**ବିଶ୍ୱ ମାନବ ଚଲାଣ ବିରୋଧୀ ଦିବସ**

ବଇଣ୍ଡା,୩୧।୭(ପରିକ୍ଷିତ ସାହୁ)




କିଶୋରନଗର ବ୍ଲକ ନୁନୁକାପଶି, ହଣ୍ଡପା, ଲୁହାମୁଣ୍ଡା, ଜାମୁନାଳୀ, କଣ୍ଟେଇକୋଳିଆ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଶ୍ୱ ଯୁବକେନ୍ଦ୍ର ବାଣିନାଳୀ ଦ୍ୱାରା ଏବଂ କୈଳାଶ ସତ୍ୟାର୍ଥୀ ଚିଲ୍ଡ୍ରେନ୍ସ ଫାଉଣ୍ଡେସନ ସହାୟତାରେ ପରିଚାଳିତ କାର୍ଯ୍ୟକ୍ରମ 'ଆକ୍ସେସଟୁ ଜଷ୍ଟିସ' ତରଫରୁ ବିଶ୍ୱ ମାନବ ଚାଲାଣ ବିରୋଧୀ ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଅନ୍ୟତମ ଅତିଥି ଭାବେ ଲୁହାମୁଣ୍ଡା ସରପଞ୍ଚ କୁମୁଦ ଚନ୍ଦ୍ର ସାହୁ, ନୁନୁକାପଶି ଦୀପ୍ତିମୟୀ ସାହୁ, ଜାମୁନାଳୀ ସରପଞ୍ଚ ରୀତା ପ୍ରଧାନ, କଣ୍ଟେଇକୋଳିଆ ସରପଞ୍ଚ ନୟନୀ ବେହେରା, ଲୁହାମୁଣ୍ଡା ସମିତିସଭ୍ୟ ଧୋବେଇ ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିଶୁଙ୍କୁ ଶ୍ରମରେ ଲଗାଇବା କିମ୍ବା ଚାଲାଣ କରିବା ଏକ ଦଣ୍ଡନୀୟ ଅପରାଧ ବୋଲି ଅତିଥି ମାନେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ୱାର୍ଡସଭ୍ୟ, ଆଶା, ଅଙ୍ଗନୱାଡ଼ି ମିଶନ ଶକ୍ତିର ସିଆର୍‌ପି, ଏମ୍‌ବିକେ, ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟା, ଯୁବକ ସଂଘ, ସ୍କୁଲ ଛାତ୍ରୀଛାତ୍ର ଓ କିଶୋରୀ ବାଳିକାବାଳକ ଅଂଶଗ୍ରହଣ କରିଥିଲେ। ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ ମହାପାତ୍ର, ପରିଯୋଜନା ସଂଯୋଜକ ବିଶ୍ୱଜିତ୍ ଦାଶ, ପରିଯୋଜନାର କାଉନ୍‌ସିଲର ଗିରିଜା ନନ୍ଦନ ସାହୁ, ପରିଯୋଜନା ସହାୟକ ଜ୍ୟୋସ୍ନିତା ପ୍ରଧାନ, ପୁନିଆ ସାହୁ, ବିକ୍ରମ କେଶରୀ ମେଣ୍ଡୁଲି, ରମାକାନ୍ତ ସାହୁ, ଗୋପବନ୍ଧୁ ସାହୁ, ରାମଚନ୍ଦ୍ର ସାହୁ, ସୋନାଲିସା ଶବର, ପୂଜା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ରାସ୍ତା କଂକ୍ରିଟ୍ କରିବାକୁ ଦାବି

ଆଠମଲ୍ଲିକ, ୩୧।୭(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତ ବଡ଼ବନ୍ଧ ଗ୍ରାମକୁ ସ୍ଥାୟୀ ରାସ୍ତା ନ ଥିବାରୁ ଗ୍ରାମବାସୀ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ସାଇକେଲ ନେଇ ଯିବା ମଧ୍ୟ କଷ୍ଟକର ହୋଇପଡୁଛି। ଏପରି ଅବସ୍ଥାରେ ରୋଗୀଙ୍କୁ ମେଡିକାଲ ନେବାରେ ବିଳମ୍ବ ହେଉଛି। ଏପରି କି ଏହି ବିଳମ୍ବ ପାଇଁ ଜଣେ ସାପ କାମୁଡା ରୋଗୀଙ୍କ ମୃତ୍ୟୁ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨ ବର୍ଷ ତଳୁ ଗ୍ରାମରେ ଥିବା ପ୍ରାଥମିକ ସ୍କୁଲକୁ ବନ୍ଦ କରି ଦିଆଯାଇ ୩ କି.ମି. ଦୂରରେ ଥିବା ସ୍କୁଲରେ ମିଶ୍ରଣ କରାଯାଇଥିବାରୁ ଏହି କାଦୁଅ ରାସ୍ତାରେ ଛାତ୍ରୀଛାତ୍ରମାନେ ବଡ଼ ଦୟନୀୟ ଅବସ୍ଥାରେ ଯାଉଥିବା ଦେଖାଯାଉଛି। ତୁରନ୍ତ ବ୍ଲକ ପ୍ରଶାସନ ଏହି ରାସ୍ତାକୁ କଂକ୍ରିଟ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ବଜ୍ରପାତରେ କୃଷକ ମୃତ

ଭୁବନ,୩୧।୭( ବିପିନ ବିହାରୀ ସେଠୀ )

ଢେଙ୍କାନାଳ ଜିଲା ଭୁବନ ଥାନା ଅନଳ ଗ୍ରାମର ସାରଙ୍ଗଧର ବେହେରା (୫୫) ସୋମବାର ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସେ ବିଲରୁ କାମ ସାରି ଫେରୁଥିବାବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେଠାରୁ ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସଂକ୍ରାନ୍ତରେ ପରିବାର ପକ୍ଷରୁ ଢେଙ୍କାନାଳ ଟାଉନ ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ସାପକାମୁଡ଼ା ପ୍ରତିରୋଧ ସମ୍ପର୍କରେ ସଚେତନତା

ଅନୁଗୋଳ, ୩୧।୭(ଅମିତ ସାମଲ)




ସଚେତନତା କର୍ମଶାଳାରେ ଉପସ୍ଥିତ କର୍ମକର୍ତ୍ତା, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

ସାପକାମୁଡା ରୋକିବାକୁ ଅନୁଗୋଳର ସାମାଜିକ ଅନୁଷ୍ଠାନ ସାଥୀ ପରିବାର ପକ୍ଷରୁ ସରକାରୀ ଉଚ୍ଚ ବିଦ୍ୟାଳୟ ବିଲାପଟା ଠାରେ ୩୬ତମ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଦସ୍ୟ ସର୍ପମିତ୍ର ଆଦିତ୍ୟ ବେହେରା ସାଧନ ବ୍ୟକ୍ତି ଭାବେ ଯୋଗଦେଇ ବିଷଧର, ବିଷହୀନ ସାପ ଚିହ୍ନଟ, ସାପକାମୁଡାର ପ୍ରାଥମିକ ଚିକିତ୍ସା, ପ୍ରଥମ ସୁବର୍ଣ୍ଣ ଏକ ଘଣ୍ଟା, ଡାକ୍ତରୀ ଚିକିତ୍ସାର ଉପାଦେୟତା, ପରିବେଶ ସନ୍ତୁଳନରେ ସାପର ଭୂମିକା ଏବଂ ସାପକାମୁଡା ସମ୍ବନ୍ଧରେ ଥିବା ପୁରୁଣା ଲୋକକଥା ଏବଂ ଅନ୍ଧବିଶ୍ୱାସ ଦୂର ଆଦି ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଠିକ୍ ସମୟରେ ଡାକ୍ତରଖାନାରେ ରୋଗୀଙ୍କୁ ପହଞ୍ଚାଇ ଚିକିତ୍ସା କରାଇଲେ ସାପକାମୁଡାରୁ ନିଶ୍ଚୟ ଆରୋଗ୍ୟ ହୋଇପାରିବା ବୋଲି ଅନୁଷ୍ଠାନର ସଭାପତି ସିଦ୍ଧାର୍ଥ ପ୍ରଧାନ କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୁଷଭ କୁମାର ସାହୁ ଏହି ସଚେତନତା ବାର୍ତ୍ତାକୁ ଗ୍ରାମବାସୀଙ୍କ ନିକଟରେ ପହଞ୍ଚାଇବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଖଗେଶ୍ୱର ସାହୁ ଏବଂ ସହକାରୀ ଶିକ୍ଷକ ଦିଲେଶ୍ୱର ସାହୁ, ଶରତ କୁମାର ପ୍ରଧାନ, ପାପନ କୁମାର ମାଝି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ପ୍ରଶିକ୍ଷଣର ସଫଳ ରୂପାୟନ କର

ବଅଁରପାଳ,୩୧।୭(ଉପେନ୍ଦ୍ର ରାଉତ)

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଅନୁଗୋଳ ଜିଲା ବଅଁରପାଳ ସେବା ଶ୍ରମଠାରେ ଅନୁସୂଚିତ ଜନଜାତି (ମୁଣ୍ଡା ଓ ଭୂୟାଁ) ଭାଷା ଶିକ୍ଷଣ ଓ ଶ୍ରେଣୀ ପରିଚାଳନା ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ଅନୁଗୋଳଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ଉକ୍ତ ଶିବିରରେ ନିକଟସ୍ଥ ଢେଙ୍କାନାଳ, ଯାଜପୁର ଏବଂ ଅନୁଗୋଳ ଜିଲାର ବିଭିନ୍ନ ବିଦ୍ୟାଳୟର ୩୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଭାଗର ସହକାରୀ ନିର୍ଦ୍ଦେଶିକା ମଧୁସ୍ମିତା ସାହୁ, ବିଭାଗର ରାଜ୍ୟ ପ୍ରକଳ୍ପ ସଂଯୋଜକ ପରମାନନ୍ଦ ପଟେଲ, ଅନୁଗୋଳ ଜିଲାମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଅନୁଗୋଳ ଜିଲା ଶିକ୍ଷା ନିରୀକ୍ଷିକା ନମିତା ଦାସ ଉପସ୍ଥିତ ଥିଲେ। ସୁଧାକର କଅଁର, ଲକ୍ଷ୍ମଣ ପ୍ରଧାନ ପ୍ରଶିକ୍ଷଣ ପରିଚାଳନା କରିଥିଲେ। ପ୍ରଶିକ୍ଷଣର ୨ୟ ଦିବସରେ ବିଭାଗୀୟ ଅତିରିକ୍ତ ସଚିବ ଇନ୍ଦ୍ରମଣୀ ତ୍ରିପାଠୀ ପ୍ରଶିକ୍ଷଣ ଶିବିର ପରିଦର୍ଶନରେ ଆସି ଭାଷା ପ୍ରଶିକ୍ଷଣକୁ ଶ୍ରେଣୀ କାର୍ଯ୍ୟ ପରିଚାଳନାରେ ପ୍ରୟୋଗ କରିବା ସହିତ ଏହାସଫଳ ରୂପାୟନ ପାଇଁ ଆହ୍ୱାନ ଦେଇଥିଲେ।



# ଜମିବାଡ଼ି ବିବାଦକୁ ନେଇ ମାର୍‌ପିଟ

ଛେଣ୍ଡିପଦା,୩୧।୭(ଅଜିତ ଧଳ)

ଅନୁଗୋଳ ଜିଲା ଜରପଡା ଥାନା କତଡା ଗ୍ରାମରେ ଜମିବାଡି ବିବାଦକୁ ନେଇ ମାରପିଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, କତଡା ଗ୍ରାମର ସୁଷମା ଗୋଛାୟତଙ୍କ ବାପା କୁଞ୍ଜ ଗୋଛାୟତ ଘରେ ଶୋଇଥିବାବେଳେ ଜିମିବାଡି ବିବାଦକୁ ନେଇ ସେହି ଗ୍ରାମର ରାଜୁ ବେହେରା ବିଳମ୍ବିତ ରାତିରେ ଘରେ ପଶି କୁଞ୍ଜଙ୍କ ବେକକୁ ଚିପି ଧରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। କୁଞ୍ଜଙ୍କ ଚିତ୍କାର ଶୁଣି ଝିଅ ସୁଷମା ଉଠି ପଡିବା ସହିତ ଘରର ଅନ୍ୟ ସମସ୍ତ ସଦସ୍ୟ ଉଠି ସେମାନଙ୍କୁ ବାରଣ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ରାଜୁ ଓ ତାଙ୍କ ଭାଇ ମିଥିନ ବେହେରା ସୁଷମାଙ୍କ ପରିବାର ସଦସ୍ୟଙ୍କୁ ମାର୍‌ପିଟ କରିଥିଲେ। ଏପରିକି ଦୁଇଭାଇ ରାଜୁ ଓ ମିଥିନ ଟଙ୍ଗିଆ ଧରି ଘର ସମ୍ମୁଖରେ ଜଗି ରହିଥିଲେ। ଏ ନେଇ ସୁଷମା ଜରପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୩୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୩ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା



ଶିକ୍ଷକ, କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ଛେଣ୍ଡିପଦା,୩୧।୭ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ନୂଆଗାଁ ପଞ୍ଚାୟତ ବୀଣାପାଣି ଉଚ୍ଚବିଦ୍ୟାଳୟରେ ସୋମବାର ୩ଜଣ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ନୂତନ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ସାଧୁଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲା ବିଜ୍ଞାନ ନିରୀକ୍ଷକ ଅମ୍ବୁଜ କୁମାର ଗଡନାୟକ, ସମ୍ମାନିତ ଅତିଥି ଭାବେ ହୁଲୁରସିଙ୍ଗା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ କୀର୍ତ୍ତନ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲମ୍ବୋଦର ପ୍ରଧାନ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ମହେଶ୍ୱର ପ୍ରଧାନ ଓ କର୍ମଚାରୀ ଗୌତମ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ର, ଅଭିଭାବକ ଓ ପୁରାତନ ଛାତ୍ରୀଛାତ୍ରମାନେ ଯୋଗଦେଇ ଅବସର ଗ୍ରହଣ କରିଥିବା ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅବସର ଗ୍ରହଣ କରୁଥିବା ପ୍ରଧାନଶିକ୍ଷକ, କ୍ରୀଡା ଶିକ୍ଷକ ଓ କର୍ମଚାରୀ ସେମାନଙ୍କ ୩୮ବର୍ଷର ଅନୁଭୂତି ଓ ଅବଦାନ ଉପରେ ଆଲୋକପାତ କରିବା ସହ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ସହ ଜଡିତ ରହିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ବାଣ ଫୁଟାଯାଇ ଶିକ୍ଷକ ଓ କର୍ମଚାରୀଙ୍କୁ ସେମାନଙ୍କ ଘର ନିକଟକୁ ପାଛୋଟି ନିଆଯାଇଥିଲା। ଏହି ସଭାରେ ଶିକ୍ଷକ ବୃନ୍ଦାବନ ପ୍ରଧାନ, ହେମନ୍ତ କୁମାର ପ୍ରଧାନ, ବିଶ୍ୱନାଥ ପୃଷ୍ଟି, ହୀରାଚାନ୍ଦ ଦ୍ୱିବେଦୀ, ଅଞ୍ଜନ କୁମାର ସାହୁ, ବ୍ରଜସୁନ୍ଦର ସାହୁ, ସୁଜିତ କୁମାର ସାହୁ, ସଞ୍ଜୟ କୁମାର ପ୍ରଧାନ ଓ ପୁରାତନ ଛାତ୍ର ସଂସଦ ସଭାପତି ସୌଭାଗ୍ୟ ପ୍ରଧାନ, ମହେଶ୍ୱର ସାହୁ, ଚିନ୍ତାମଣି ବେହେରା, ପଦ୍ମନାଭ ବେହେରା, ଧରଣୀ ମାଝି, ଅଖିଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

